# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
## 11 December – 2025

---

# ମୁଖ୍ୟମନ୍ତ୍ରୀ-ଓୟୁଏଟି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ଓୟୁଏଟି ଓଡ଼ିଶା କୃଷି ଶିକ୍ଷା ସଦନରେ ୪୨୫ କୋଟି ଟଙ୍କାର ନୂତନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଏବଂ ୨ହଜାର ୬୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ।

---

# ଜିଆଇ ଚାଉଳ

ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବରମୁଣ୍ଡାରେ ହେବାକୁ ଥିବା ସ୍ୱତନ୍ତ୍ର ନିମ୍ନ ଗ୍ଲାଇସେମିକ୍ ଇଣ୍ଡେକ୍ସ-ଜିଆଇ ଯୁକ୍ତ ଚାଉଳ ଓ  ଦେଶର ପ୍ରଥମ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନାର ବିକାଶ ସଂପର୍କରେ ଆଲୋଚନା ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ନିମ୍ନ ଜିଆଇ ଯୁକ୍ତ ଚାଉଳର ବୃହତ୍ ଆକାରରେ ଉତ୍ପାଦନ ଓ ପ୍ରକ୍ରିୟାକରଣ ମଧୁମେହ ରୋଗୀ ଓ ଅନ୍ନପ୍ରେମୀଙ୍କ ପାଇଁ ଲାଭଦାୟକ ହେବ । ଏହି ପ୍ରକଳ୍ପ ପାଇଁ ମୋଟ୍ ୯୧ କୋଟି ୨୨ ଲକ୍ଷ ୯୧ ହଜାର ୨୮୭ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ନିମ୍ନ ଜିଆଇ ଯୁକ୍ତ ଚାଉଳରେ ୧୦ରୁ ୧୨ ପ୍ରତିଶତ ପ୍ରୋଟିନ୍ ରହିଥାଏ ।

---

# ଉପମୁଖ୍ୟମନ୍ତ୍ରୀ-ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା ହୋଇଛି । ବୈଠକରୁ ଇଣ୍ଟରନ୍ୟାଶନାଲ୍ ଫର୍ଟିଲାଇଜର୍ ଡେଭଲପ୍‌ମେଣ୍ଟ ସେଣ୍ଟର ଓଡ଼ିଶାରେ ନିଜ ପ୍ଲାଣ୍ଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି ।

---

# ସାହସ ଉତ୍ସବ

ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରରେ ଗତକାଲି 'ସାହସ ଉତ୍ସବ - ଆମ ସ୍ୱର, ଆମ ଶକ୍ତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଶ୍ରୀମତୀ ପରିଡ଼ା ଲୋକଙ୍କର ସମ୍ମାନ, ସୁରକ୍ଷା ଓ ପୁନର୍ବାସ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ।  ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ୧୬ଦିନିଆ ଲିଙ୍ଗ ଭିତ୍ତିକ ହିଂସା ବିରୁଦ୍ଧରେ କାର୍ଯ୍ୟକଳାପ କର୍ମଶାଳାରେ ସାରା ରାଜ୍ୟରୁ ଶକ୍ତି ସଦନର ବାସିନ୍ଦା ଏବଂ ଆଶ୍ରୟସ୍ଥଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

---

# ଟାଉନ୍ ପ୍ଲାନିଂ

ଭୁବନେଶ୍ୱର, ପୁରୀ ସମେତ ଅନ୍ୟ ମହାନଗର ନିଗମ ଗୁଡ଼ିକରେ ଟାଉନ୍ ପ୍ଲାନିଂ କାର୍ଯ୍ୟକାରୀ ହେବ ବୋଲି ନଗର ଉନ୍ନୟନମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପ୍ରାୟ ୯ ହଜାର ଏକର ଜମିରେ ଟାଉନ୍ ପ୍ଲାନିଂ ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନାରେ ଉପକଣ୍ଠ ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନେଜ୍, ଜଳ ଯୋଗାଣ ଭଳି ମୌଳିକ ଭିତ୍ତିଭୂମିର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

---

# ହର୍ବାଲ୍ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ୍ ମେଳା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଛନ୍ତି, ଏହି ମେଳା ଆମ ପରମ୍ପରା, ଆୟୁର୍ବେଦ ଐତିହ୍ୟ, ଜଙ୍ଗଲ ଓ ପ୍ରକୃତିର ଦାନକୁ ସମ୍ମାନ କରିବାର ଏକ ମଞ୍ଚ । ପ୍ରକୃତି ହେଉଛି ସବୁଠାରୁ ଶ୍ରେଷ୍ଠ ଚିକିତ୍ସାଳୟ । ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷଗୁଡ଼ିକୁ ସଂଗଠିତ କରିବା, ପ୍ରମାଣିତ ଆୟୁର୍ବେଦ ପ୍ରଣାଳୀକୁ ଗଢ଼ି ତୋଳିବା ଏହି ମେଳାର ଲକ୍ଷ୍ୟ ବୋଲି ଶ୍ରୀ ସାହୁ କହିଛନ୍ତି । ମେଳାରେ ୧୩୦ରୁ ଅଧିକ ଷ୍ଟଲ୍ ଖୋଲାଯାଇଛି ।

---

## ଧାନମଣ୍ଡି

ସୁବର୍ଣ୍ଣପୁର ଜିଲ୍ଲା ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ସିଲାଟ ପ୍ରାଥମିକ ସେବା ସମବାୟ ସମିତିଠାରେ ଜିଲ୍ଲାପାଳ ନୃପରାଜ ସାହୁ ଜିଲ୍ଲାସ୍ତରୀୟ ଧାନମଣ୍ଡିର ଉଦ୍‌ଘାଟନ ଓ ଖରିଫ ଋତୁ ଧାନକ୍ରୟ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଚାଷୀମାନଙ୍କୁ ମଣ୍ଡିରେ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ସହ ସରକାର ନିର୍ଦ୍ଧାରିତ ଦରରେ ଚାଷୀମାନଙ୍କଠାରୁ ସୁବିଧାରେ ଧାନ କ୍ରୟ କରିବା ନେଇ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ' ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ପ୍ରଦର୍ଶନୀ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ପିଏମ୍‌ଶ୍ରୀ ଭି.ଭି. ଗିରି ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୨୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ପର୍ବତ ଦିବସ

ପରିବେଶ ପାଇଁ ପର୍ବତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ପର୍ବତ ଦିବସ ପାଳନ କରାଯାଉଛି ।

୨୦୦୨ ମସିହାରେ ଜାତିସଂଘ ସାଧାରଣ ସଭାରେ ଡିସେମ୍ବର ୧୧ ତାରିଖରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ଚଳିତ ବର୍ଷ **ପାହାଡ଼ ଓ ଏହା ବାହାରେ ଜଳ ଖାଦ୍ୟ ଏବଂ ଜୀବିକା ପାଇଁ ହିମବାହ ଗୁରୁତ୍ୱପୂର୍ଣ୍ଣ** ବିଷୟବସ୍ତୁ ନେଇ ପର୍ବତ ଦିବସ ପାଳନ କରାଯାଉଛି ।

## ବ୍ୟାଡମିଣ୍ଟନ

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା **ଓଡ଼ିଶା ମାଷ୍ଟର୍ସ ୨୦୨୫**ର ମହିଳା-ପୁରୁଷ ସିଙ୍ଗଲ୍‌ସ, ମହିଳା-ପୁରୁଷ ଡବଲ୍‌ସ ଏବଂ ମିକ୍ସଡ୍ ଡବଲ୍ସ ରେ  ସମସ୍ତ ବିଭାଗର ୭୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଗତକାଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଖେଳାଳିମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । ଏହି ପ୍ରତିଯୋଗିତା ଆସନ୍ତା ୧୪ ତାରିଖରେ ଉଦ୍‌ଯାପିତ ହେବ ।

## ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୧୨ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରି ବୃଦ୍ଧି ପାଇବା ନେଇ

ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

........................................................................................